# NATIONAL NEWS BULLETIN (ODIA)
## 03rd August - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ସ୍ୱଦେଶୀ ବସ୍ତୁର ବ୍ୟବହାର ରାଷ୍ଟ୍ରପାଇଁ ପ୍ରକୃତ ସେବା ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ।
- ଭୋଟର ତାଲିକା ସଂଶୋଧନ ଓ ପ୍ରସ୍ତୁତି କାର୍ଯ୍ୟରେ ଜଡ଼ିତ ଅଧିକାରୀଙ୍କ ପାରିଶ୍ରମିକ ବୃଦ୍ଧି କଲେ ନିର୍ବାଚନ ଆୟୋଗ ।
- ସୁରକ୍ଷିତ ଆୟୁର୍ବେଦିକ ଖାଦ୍ୟ ପ୍ରସ୍ତୁତି ନେଇ ସୁରକ୍ଷା ମାନକ ଜାରି ।
- ଦେଶବ୍ୟାପୀ ଆଜି ଅନୁଷ୍ଠିତ ହେଉଛି ନୀଟ୍ ପି.ଜି.-୨୦୨୫ ପରୀକ୍ଷା ।

ଏବଂ

- ଆଣ୍ଡର୍ସନ-ତେନ୍ଦୁଲ୍କର ଟ୍ରଫିର ପଞ୍ଚମ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଦ୍ୱିତୀୟ ଇନିଙ୍ଗ୍‌ସ ଜାରି ରଖିବ ଇଂଲଣ୍ଡ ।

# ପି.ଏମ୍. - ବ୍ରହ୍ମୋଶ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଅପରେସନ ସିନ୍ଦୂର ସମୟରେ ଭାରତର ସ୍ୱଦେଶୀ ଅସ୍ତ୍ରଶସ୍ତ୍ରର ଶକ୍ତି ସାରା ବିଶ୍ୱ ଦେଖିଛି । ଦେଶର ବାୟୁ ପ୍ରତିରକ୍ଷା ପ୍ରଣାଳୀ, ସ୍ୱଦେଶୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍‌ର ପ୍ରଭାବ ଆତ୍ମନିର୍ଭର ଭାରତର ଅଦମ୍ୟ ଶକ୍ତିକୁ ପ୍ରଦର୍ଶନ କରିଥିଲା । ଗତକାଲି ଉତ୍ତର ପ୍ରଦେଶର ବାରାଣାସୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୨୦ତମ ପି.ଏମ୍. କୃଷକ ସମ୍ମାନ ନିଧି ସହାୟତା ରାଶି ବଣ୍ଟନ କରିବା ଅବସରରେ ଶ୍ରୀ ମୋଦି କହିଛନ୍ତି, ଦେଶର ବ୍ରହ୍ମୋଶ୍ କ୍ଷେପଣାସ୍ତ୍ର ଶତ୍ରୁଙ୍କ ମଧ୍ୟରେ ଭୟ ସଞ୍ଚାର କରିଛି । ଆଗାମୀ ଦିନରେ ଲକ୍ଷ୍ନୌରେ ବ୍ରହ୍ମୋଶ୍ କ୍ଷେପଣାସ୍ତ୍ର ଉତ୍ପାଦନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM - Brahmos)*** :......

ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀ ଜିନିଷ ବ୍ୟବହାର ଲାଗି ଆହ୍ୱାନ ଦେଇଛନ୍ତି । ଭାରତୀୟଙ୍କ ପରିଶ୍ରମରେ ନିର୍ମିତ ସ୍ୱଦେଶୀ ବସ୍ତୁର ବ୍ୟବହାର ରାଷ୍ଟ୍ରପାଇଁ ପ୍ରକୃତ ସେବା ବୋଲି ସେ କହିଛନ୍ତି । 'ଭୋକାଲ୍ ଫର୍ ଲୋକାଲ୍' ମନ୍ତ୍ର ଗ୍ରହଣ କରିବାକୁ ଆହ୍ୱାନ ଦେବା ସହ ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକଟି ଜିନିଷ ଯେଉଁଭଳି ସ୍ୱଦେଶୀ ଉତ୍ପାଦ ହେବ, ତାହା ପ୍ରତ୍ୟେକ ଭାରତୀୟଙ୍କ

ଦାୟିତ୍ୱ ହେବା ଉଚିତ । ଆଗାମୀ ପର୍ବପର୍ବାଣି ଋତୁରେ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

***Voice (PM - Vocal for)*** :......

## ରେମୁନେରେସନ୍ - ବି.ଏଲ୍.ଓ.ଜ୍

ନିର୍ବାଚନ ଆୟୋଗ ଭୋଟର୍ ତାଲିକା ସଂଶୋଧନ ଓ ପ୍ରସ୍ତୁତି କାର୍ଯ୍ୟରେ ଜଡ଼ିତ ବୁଥ୍‌ସ୍ତରୀୟ ଅଧିକାରୀ ଓ ନିରୀକ୍ଷକଙ୍କ ପାରିଶ୍ରମିକ ଦୁଇଗୁଣ ବୃଦ୍ଧି କରିଛନ୍ତି । ସୂଚନା ଅନୁଯାୟୀ, ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ପାରିଶ୍ରମିକ ୬ ହଜାର ଟଙ୍କାରୁ ୧୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିଭଳି ସେମାନଙ୍କ ଲାଗି ପ୍ରୋତ୍ସାହନ ରାଶି ୧ ହଜାର ଟଙ୍କାରୁ ୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ଅନ୍ୟପକ୍ଷରେ ଭୋଟର ତାଲିକା ପ୍ରସ୍ତୁତିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବୁଥ୍‌ସ୍ତରୀୟ ଅଧିକାରୀ ନିରୀକ୍ଷକଙ୍କ ପାରିଶ୍ରମିକ ୧୨ ହଜାର ଟଙ୍କାରୁ ୧୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ନିର୍ବାଚନ ଆୟୋଗ ଭୋଟର୍ ପଞ୍ଜୀକରଣ ଅଧିକାରୀ ଓ ସହାୟକ ଭୋଟର ପଞ୍ଜୀକରଣ ଅଧିକାରୀଙ୍କ ପାରିଶ୍ରମିକରେ ମଧ୍ୟ ପ୍ରଥମ ଥରପାଇଁ ବୃଦ୍ଧି କରିଛନ୍ତି । ସୂଚନା ଅନୁଯାୟୀ, ଭୋଟର୍ ପଞ୍ଜୀକରଣ ଅଧିକାରୀ ୩୦ ହଜାର ଟଙ୍କା ଏବଂ

ସହାୟକ ଭୋଟର୍ ପଞ୍ଜୀକରଣ ଅଧିକାରୀ ୨୫ ହଜାର ଟଙ୍କା ପାରିଶ୍ରମିକ ପାଇବେ । ତେବେ ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବା ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ସ୍ୱରୂପ ଅଧିକ ୬ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ।

## ଆୟୁର୍ବେଦ ଆହାର

ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଆୟୁର୍ବେଦ ଆହାର ବର୍ଗ ଅଧୀନରେ ଆୟୁର୍ବେଦିକ ଖାଦ୍ୟ ପ୍ରସ୍ତୁତିର ଏକ ନିର୍ଦ୍ଦିଷ୍ଟ ତାଲିକା ପ୍ରକାଶ କରିଛି । ୨୦୨୨ରେ ଖାଦ୍ୟ ସୁରକ୍ଷା ଏବଂ ମାନକ ନିୟମାବଳୀ ପ୍ରଚଳନ ପରେ ଏହି ତାଲିକା ପ୍ରକାଶିତ ହୋଇଛି । ନିୟମାବଳୀରେ ପ୍ରାମାଣିକ ଆୟୁର୍ବେଦ ଗ୍ରନ୍ଥରୁ ବିଭିନ୍ନ ଖାଦ୍ୟ ପଦାର୍ଥର ଉପାଦାନ ଓ ପ୍ରକ୍ରିୟା ଉପରେ ଉଲ୍ଲେଖ ରହିଥିବାବେଳେ ଉପଭୋକ୍ତାମାନଙ୍କପାଇଁ ନୂତନ ତାଲିକା ଜାରି କରାଯାଇଛି । ସୂଚନା ଅନୁଯାୟୀ, ଆୟୁର୍ବେଦ ଆହାର ଉତ୍ପାଦଗୁଡ଼ିକର ସଠିକତା ଏବଂ ବିଶ୍ୱସନୀୟତା ବଜାୟ ରଖିବା ଦୃଷ୍ଟିରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଆୟୁଷ୍ ରାଷ୍ଟ୍ରମନ୍ତ୍ରୀ  ପ୍ରତାପ ରାଓ ଯାଦବ ଲୋକମାନଙ୍କୁ ଦୀର୍ଘକାଳୀନ ଉତ୍ତମ ସ୍ୱାସ୍ଥ୍ୟପାଇଁ ଆୟୁର୍ବେଦ ଆହାରକୁ ଦୈନନ୍ଦିନ ଜୀବନରେ

ସାମିଲ୍ କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଏହି ଖାଦ୍ୟ କେବଳ ଶରୀରକୁ ପୋଷଣ ଯୋଗାଏ ନାହିଁ; ବରଂ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରି ସାମଗ୍ରିକ ସୁସ୍ଥତାକୁ ବଜାୟ ରଖିଥାଏ ।

## ନୀଟ୍ ପି.ଜି.

ଦେଶରେ ଆଜି ନୀଟ୍ ପି.ଜି.-୨୦୨୫ ପରୀକ୍ଷା ଅନୁଷ୍ଠିତ ହେବ । ପ୍ରାୟ ୨ ଲକ୍ଷ ୫୦ ହଜାର ମେଡିକାଲ୍ ସ୍ନାତକ ଏହି ପରୀକ୍ଷା ଦେବେ । ସକାଳ ୯ଟାରୁ ଅପରାହ୍ଣ ୧୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ସିଟିଂରେ ନୀଟ୍ ପି.ଜି. ପରୀକ୍ଷା ଅନୁଷ୍ଠିତ ହେବ । ନ୍ୟାସନାଲ ବୋର୍ଡ଼ ଅଫ୍ ଏକ୍‌ଜାମିନେସନ୍‌ସ ଇନ୍ ମେଡିକାଲ୍ ସାଇନ୍‌ସେସ୍ ଦ୍ୱାରା ପରିଚାଳିତ ନୀଟ୍ ପି.ଜି. ପରୀକ୍ଷା କମ୍ପ୍ୟୁଟର ଆଧାରିତ ପରୀକ୍ଷା ଭାବରେ କରାଯିବ ।

ଆଜି ସକାଳ ୭ଟାରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବାର ଆରମ୍ଭ କରିଛନ୍ତି । ନିୟମ ଅନୁଯାୟୀ ପରୀକ୍ଷାର୍ଥୀମାନଙ୍କୁ ସକାଳ ୮ଟା ୩୦ ମିନିଟ୍ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଆବଶ୍ୟକ ପ୍ରକ୍ରିୟା ଅନୁପାଳନ ପରେ ଆସନ ଗ୍ରହଣ କରିବାକୁ ପଡ଼ିବ । ପରୀକ୍ଷା କେନ୍ଦ୍ରରେ ପ୍ରବେଶ ଲାଗି କେତେକ ଦସ୍ତାବିଜ୍ ସାଙ୍ଗରେ ଆଣିବାକୁ ପରୀକ୍ଷାର୍ଥୀମାନଙ୍କୁ ପୂର୍ବରୁ ସୂଚନା ଦିଆଯାଇଛି ।

## ଗଡ଼କରୀ - ଇନ୍‌ଫ୍ରା ଲେଡ୍ ଇକୋନୋମି

କେନ୍ଦ୍ର ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ଆସନ୍ତା ୨ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶର ରାସ୍ତାଗୁଡ଼ିକ ଆମେରିକାର ରାସ୍ତା ଭଳି ଉନ୍ନତମାନର ହେବ । ଗତକାଲି ଆନ୍ଧ୍ରପ୍ରଦେଶର ମଙ୍ଗଳଗିରି ସହରରେ ୨୭ଟି ସଡ଼କ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ଶ୍ରୀ ଗଡ଼କରୀ ଏହା କହିଛନ୍ତି । ଏହି ଅବସରରେ ଶ୍ରୀ ଗଡ଼କରୀ ୫ ହଜାର ୨୩୩ କୋଟି ଟଙ୍କାର ଦୁଇଟି ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସେ କହିଛନ୍ତି, ନୂତନ ପ୍ରକଳ୍ପଗୁଡ଼ିକ ଆନ୍ଧ୍ରପ୍ରଦେଶକୁ ତେଲଙ୍ଗାନା, କର୍ଣ୍ଣାଟକ, ଓଡ଼ିଶା ଏବଂ ତାମିଲ୍‌ନାଡୁ ସହିତ ଅଧିକ ନିକଟତର କରିବ । ସେ କହିଛନ୍ତି, ବିଜୟୱାଡ଼- ହାଇଦ୍ରାବାଦ ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରାଯିବା ସହ ଏକ ଏକ୍ସ୍‌ପ୍ରେସ୍ ୱେ ମଧ୍ୟ ନିର୍ମାଣ କରାଯିବ । ସେ କହିଛନ୍ତି, ସାରା ଦେଶରେ ପ୍ରତ୍ୟେକ ଦିନ ୩୭ କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ କରାଯାଉଛି ।

## ୟୁ.ଏସ୍. - ବାଂଲା ଡିପୋର୍ଟେସନ୍

ଆମେରିକାରୁ ନିର୍ବାସିତ ଅଣଚାଳିଶ ଜଣ ବାଂଲାଦେଶୀ ନାଗରିକ ଢାକାରେ ପହଞ୍ଚିଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି ।

ଆମେରିକାର ସି-୧୭ ସାମରିକ ବିମାନରେ ନିର୍ବାସିତ ନାଗରିକମାନଙ୍କୁ ଢାକାର ହଜରତ୍ ସାହଜଲାଲ୍ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ପଠାଇ ଦିଆଯାଇଛି । ବାଂଲାଦେଶର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନିର୍ବାସିତ ହୋଇଥିବା ଲୋକମାନଙ୍କ ମଧ୍ୟରୁ ଅନେକ ସେମାନଙ୍କ ସମ୍ପତ୍ତି ବିକ୍ରିକରି ଓ ଋଣ ନେଇ ବେନିୟମ ଭାବେ ଆମେରିକାରେ ପ୍ରବେଶ କରିଥିଲେ ।

## ଇରାନ୍ ପ୍ରେଜ୍ - ପାକ୍

ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ ଦୁଇଦିନିଆ ପାକିସ୍ତାନ ଗସ୍ତରେ ଯାଇଛନ୍ତି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି କରିବା ଏହି ଗସ୍ତର ଉଦ୍ଦେଶ୍ୟ । ସୂଚନା ଅନୁଯାୟୀ, ଇରାନ୍ ରାଷ୍ଟ୍ରପତିଙ୍କ ସହ ବୈଦେଶିକ ମନ୍ତ୍ରୀ ଏବଂ ଏକ ପ୍ରତିନିଧି ମଣ୍ଡଳୀ ପାକିସ୍ତାନ ଗସ୍ତ କରିଛନ୍ତି । ଏହି ଗସ୍ତକାଳରେ ଉଭୟ ଦେଶ ମଧ୍ୟରେ ଅନେକଗୁଡ଼ିଏ ବୈଠକ ଅନୁଷ୍ଠିତ ହେବାରେ କାର୍ଯ୍ୟସୂଚୀ ରହିଛି ।

## ପର୍ତ୍ତୁଗାଲ ୱାଇଲ୍ଡ ଫାୟାର୍

ପ୍ରବଳ ଗ୍ରୀଷ୍ମପ୍ରବାହ ଏବଂ ଅଗ୍ନିଜନିତ ବିପଦରୁ ରକ୍ଷା ପାଇବା ଲାଗି ଆଜିଠାରୁ ପର୍ତ୍ତୁଗାଲ୍‌ରେ ଅଧିକ ସତର୍କତା ଅବଲମ୍ବନ କରାଯିବ ବୋଲି ଜଣାପଡ଼ିଛି । ଗ୍ରୀଷ୍ମପ୍ରବାହ ସମୟରେ ପର୍ତ୍ତୁଗାଲ୍‌ରେ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ସେଠାକାର ଗୃହମନ୍ତ୍ରୀ ମାରିଆ ଲୁସିଆ ଅମାରାଲ୍ ସତର୍କ ସୂଚନା ଦେଇ କହିଛନ୍ତି, ଅଗ୍ନିଶମ ବାହିନୀ ଏବଂ ସୁରକ୍ଷା ସେବାକୁ ଆହୁରି ଦୃଢ଼ କରାଯିବ । ସୂଚନା ଅନୁଯାୟୀ, ଆସନ୍ତା ବୁଧବାର ପର୍ଯ୍ୟନ୍ତ ପର୍ତ୍ତୁଗାଲ୍‌ରେ ଭୟଙ୍କର ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ ବୋଲି ଜଣାପଡ଼ିଛି । କିଛି ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସମ୍ଭାବନା ରହିଛି । ଅନ୍ୟପକ୍ଷରେ ପର୍ତ୍ତୁଗାଲ୍‌ରେ ଏବେ ଅଣଚାଳିଶଟି ଜଙ୍ଗଲ ନିଆଁ ସକ୍ରିୟ ରହିଛି ।

## ସ୍ପୋର୍ଟସ୍ ରାଉଣ୍ଡ ଅପ୍

ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫି ଟେଷ୍ଟ କ୍ରିକେଟ୍ ସିରିଜ୍‌ର ଚୂଡ଼ାନ୍ତ ମ୍ୟାଚ୍‌ରେ ୧-୨ରେ ପଛରେ ଥିବା ଭାରତ ସିରିଜ୍ ବରାବର କରିବା ଲାଗି ଉଦ୍ୟମ

ଜାରି ରଖିଥିବାବେଳେ କୁସ୍ତି ଏବଂ ଲମ୍ବଡିଆଁରେ ଭାରତକୁ ସଫଳତା ମିଳିଛି । ଶୁଣନ୍ତୁ ଏକ ରିପୋର୍ଟ ।

ଲଣ୍ଡନର ଓଭାଲ୍‌ଠାରେ ଖେଳାଯାଉଥିବା ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫିର ପଞ୍ଚମ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନରେ ଆଜି ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଙ୍ଗ୍‌ସ ଜାରି ରଖିବ । ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ବିଜୟପାଇଁ ଭାରତ ଧାର୍ଯ୍ୟ କରିଥିବା ୩୭୪ ରନ୍‌ର ପିଛା କରି ଇଂଲଣ୍ଡ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୫୦ ରନ୍ ସ୍କୋର କରିଥିଲା ।

ଗତକାଲି ଭାରତ ତା'ର ଦ୍ୱିତୀୟ ଇନିଙ୍ଗ୍‌ସରେ ୩୯୬ ରନ୍‌ର ସ୍କୋର କରିଥିଲା । ଯଶସ୍ୱୀ ଜୟଶ୍ୱାଲ୍ ୧୧୮ ରନ୍ ଏବଂ ଆକାଶଦୀପ, ରବିନ୍ଦ୍ର ଜାଡ଼େଜା ଓ ୱାଶିଂଟନ୍ ସୁନ୍ଦରଙ୍କ ଅର୍ଦ୍ଧଶତକ ବଳରେ ଭାରତ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା । ଏହି ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଙ୍ଗ୍‌ସରେ ଭାରତ ୨୨୪ ରନ୍ ସ୍କୋର କରିଥିବାବେଳେ ଇଂଲଣ୍ଡ ୨୪୭ ରନ୍ କରିଥିଲା । ତେବେ ଏହି ମ୍ୟାଚ୍ ଜିତିବା ଲାଗି ଇଂଲଣ୍ଡ ୩୨୪ ରନ୍ ଆବଶ୍ୟକ କରୁଥିବାବେଳେ ଭାରତ ୯ଟି ୱିକେଟ୍ ଆବଶ୍ୟକ କରୁଛି । ଏହି ଟେଷ୍ଟ ସିରିଜ୍‌ରେ ଭାରତ ୧-୨ରେ ପଛରେ ରହିଛି ।

କୁସ୍ତି ପ୍ରତିଯୋଗିତାରେ ଭାରତର ଲାକି ଗ୍ରୀସ୍‌ର ଆଥେନ୍ସରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ୍‌ସିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ।

୧୧୦ କିଲୋଗ୍ରାମ ପୁରୁଷ ଫ୍ରିଷ୍ଟାଇଲ୍ ବର୍ଗରେ ସେ ୪-୬ରେ ଓମରାଭ୍‌ଙ୍କଠାରୁ ପରାସ୍ତ ହୋଇଥିଲେ ।

ଅନ୍ୟପକ୍ଷରେ ଭାରତର ସିଡେନ୍ଦର ୬୦ କିଲୋଗ୍ରାମ୍ ଫ୍ରିଷ୍ଟାଇଲ୍ ବର୍ଗରେ ସେମିଫାଇନାଲ୍‌ରେ କାଜାଖସ୍ତାନର ବେକାସୀଲ୍ ଆସାମ୍ବେକଙ୍କୁ ୫-୧ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଅନ୍ୟପକ୍ଷରେ ଭାରତର ଗୌରବ ପୁନିଆ ୬୫ କିଲୋଗ୍ରାମ୍ ଫ୍ରିଷ୍ଟାଇଲ୍ ବର୍ଗରେ ଇରାନ୍‌ର ମୋର୍ତେଜାଙ୍କଠାରୁ ପରାସ୍ତ ହୋଇଛନ୍ତି ।

କାଜାଖସ୍ତାନରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ୍ ଇଭେଣ୍ଟରେ ମୁରଲୀ ଶ୍ରୀଶଙ୍କର ଲମ୍ଫଡିଆଁରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ପ୍ରଥମ ପ୍ରୟାସରେ ସେ ୭ ଦଶମିକ ୯/୪ ମିଟର ଡେଇଁ ଥିଲେ । ଫିଲିପାଇନ୍ସର ଜାନରି ଉବାସ ୭ ଦଶମିକ ୫/୩ ମିଟରରେ ରୌପ୍ୟ ପଦକ ଏବଂ ଆଜାରବୈଜାନର ନଜିମ୍ ବାବ୍‌ୟେଭ୍ ୭ ଦଶମିକ ୪/୮ ମିଟରରେ କାଂସ୍ୟ ପଦକ ଜିତିଛନ୍ତି ।

**ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର ।**

*****